# କର୍ମ ଓ ଶିକ୍ଷାର ଭିତ୍ତି ଯୋଗ

କର୍ମଶିକ୍ଷା ହେଲା ମନୁଷ୍ୟର ଉନ୍ନତିର ପ୍ରଧାନ ଉପାୟ । ଏହାର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ଜୀବନରେ ପୂର୍ଣ୍ଣତା ଆଣିବା । ଏହା ତେବେ ପୂର୍ଣ୍ଣ ହୋଇପାରେ ଯେବେ ଏହାର ଭିତ୍ତି ଯୋଗ ହୁଏ । ଯୋଗ ବିନା ଏହା ଆଂଶିକ ଏବଂ ଅପୂର୍ଣ୍ଣ ଫଳ ଦିଏ ।

ବହୁତ ଲୋକଙ୍କର ଧାରଣା ଯେ ଆଧ୍ୟାତ୍ମିକ ଜୀବନ ଆଉ ସାମାଜିକ ଜୀବନ ଏଦୁଇଟି ଏକେବାରେ ବିରୋଧୀ ଦିସା, ଏହା ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ଏପରି ବିଚାର ଯଦ୍ୟପି ଭିତ୍ତିହୀନ ଏବଂ ଅସତ୍ୟ, ତଥାପି ଲୋକେ ମନେ କରନ୍ତି ଏହାହିଁ ଠିକ୍ । ଏହାର କାରଣ ଏହି ଯେ ମଧ୍ୟ ଯୁଗର ଅଧ୍ୟାତ୍ମ-ମାର୍ଗ ଦର୍ଶକମାନେ ଏପରି ଆଦର୍ଶ ରଖିଥିଲେ ଯେ ଏହି ଦୁଇ ମାର୍ଗ ଭିନ୍ନ ଭିନ୍ନ ଦିସା ବୋଲି ମନେ ହେଉଥିଲା । ଯଦ୍ୟପି ପରେ ଏହା ମଧ୍ୟରେ କିଛି ସାମଞ୍ଜସ୍ୟ ସ୍ଥାପନ କରିବାକୁ ଚେଷ୍ଟା କରା ହୋଇଥିଲା, ତାହା ସଫଳ ହୋଇ ନାହିଁ । ସେନେଇ ଲୋକମାନଙ୍କର ଅଧ୍ୟାତ୍ମ ନାମ ଶୁଣିବା ମାତ୍ରେ ଗୋଟିଏ ସଂସାର ତ୍ୟାଗୀ ବୀତରାଗ ସନ୍ନ୍ୟାସୀର କଥା ମନରେ ଆସେ ଆଉ ରାଗ ହୁଏ ଯେ ଏହି ଅଧ୍ୟାତ୍ମବାଦ ସଂସାର ଉନ୍ନତିରେ ଏକମାତ୍ର ବାଧକ । ଯେତେଦୂର ହୁଏ ଏଥିରୁ ଅଲଗା ରହି ସଂସାର ଉନ୍ନତି କାର୍ଯ୍ୟରେ ଲାଗି ପଡ଼ିବା ଉଚିତ ।

ଏହି ଭ୍ରମ ଦୂର କରିବା ସକାଶେ ଶ୍ରୀଅରବିନ୍ଦ ମନୁଷ୍ୟ ଜାତିର ସମ୍ମୁଖରେ ରଖି ଅଛନ୍ତି ସଂସାର ଆଉ ଯୋଗ ମଧ୍ୟରେ ସାମଞ୍ଜସ୍ୟ ନୁହେଁ, ଏକ ଅନ୍ୟର ପୂରକ, ଅର୍ଥାତ୍ ଏକକୁ ଛାଡ଼ିଦେଲେ ଅନ୍ୟଟି ଅପୂର୍ଣ୍ଣ ରହିବ । ଏହା କେବଳ ତାଙ୍କ ଦର୍ଶନ ଶାସ୍ତ୍ରରେ ଲେଖି ନାହାନ୍ତି, କିନ୍ତୁ କର୍ମର ମଧ୍ୟ ଆଦର୍ଶ ରୂପ ଦେବାକୁ ଭିତ୍ତିରୂପେ ପଣ୍ଡିଚେରୀ ଆଶ୍ରମରେ ନାନାବିଧ କର୍ମ ସ୍ରୋତ ପ୍ରବାହିତ କରି ଅଛନ୍ତି । ଏହିସବୁର ବିକାଶକୁ ଏବେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱ ବିଦ୍ୟାଳୟ ପୂର୍ଣ୍ଣ ରୂପ ଦେବାକୁ ଯାଉଅଛି ।

ଅନେକେ କୁହନ୍ତି ଯେ ଆମ୍ଭମାନଙ୍କର ଆଧ୍ୟାତ୍ମିକତା ସଙ୍ଗେ କୌଣସି ସମ୍ପର୍କ ନାହିଁ, ଆମ୍ଭେ ଆଧୁନିକ ବାଦକୁ ଗ୍ରହଣ କରି, ପରସ୍ପର ଭାଇଚାରା ସ୍ଥାପନ କରି ଆନନ୍ଦରେ ଦିନ କଟେଇ ନେବୁ । କୌଣସି କାର୍ଯ୍ୟର ମୂଳରେ ଯଦି ଏହିପରି ଆଂଶିକ ମନୋଭାବ ରହିବ, ତେବେ ତାହାର ଫଳ ଅବଶ୍ୟ ଅପୂର୍ଣ୍ଣ ହେବ, ଯାହାକି ଆଜି ପ୍ରତ୍ୟକ୍ଷରୂପେ ସମସ୍ତଙ୍କ ସମ୍ମୁଖରେ ଦେଖା ଯାଉଅଛି । ବିଚାର କଲେ ଜଣା ପଡ଼ିବ ଯୋଗ ଛଡ଼ା ଜୀବନ ଅପୂର୍ଣ୍ଣ, ପୁଣି ସଂସାରର ପ୍ରତ୍ୟେକ କାର୍ଯ୍ୟ ଅପୂର୍ଣ୍ଣ ଓ ବିକୃତ । ଉଦାହରଣ ସ୍ୱରୂପ,– ପଢ଼ିବା ଦ୍ୱାରା ମନବୁଦ୍ଧିର ବିକାଶ ହୁଏ, ଶୁଦ୍ଧ ହୁଏ ନାହିଁ, ଯାହାର ପରିଣାମରେ ଦେଶସେବା, ମନୁଷ୍ୟ ଜାତିର ସେବା ପ୍ରଭୃତି ଉନ୍ନତ କାର୍ଯ୍ୟରେ ମଧ୍ୟ ବହୁତ ତ୍ରୁଟି ଦେଖାଯାଏ – ଅହଂକାର, ପ୍ରଭୁତ୍ୱ, ସ୍ୱାର୍ଥପରତା ଇତ୍ୟାଦି । ଏହାର ଏକମାତ୍ର ତ୍ରୁଟି ହେଲା, ଯୋଗ ଦ୍ୱାରା ସମତା ପ୍ରାପ୍ତ ନ କରିଥିବାରୁ ଅଥବା ଯୋଗକୁ ଲକ୍ଷ୍ୟରୂପେ ଗ୍ରହଣ ନ କରି ଥିବାରୁ, କାହାରି କାହାରି ଉନ୍ନତ ଜୀବନରେ ମଧ୍ୟ ପ୍ରାଣ ଶୁଦ୍ଧ ନ ହୋଇ ଭୋଗ ବିଳାସ ଆଡ଼କୁ ଦୌଡ଼ି ନିମ୍ନଗାମୀ ହୁଏ, କିନ୍ତୁ ସେହି ବ୍ୟକ୍ତି ଯୋଗ ସାହାଯ୍ୟରେ ଅସାଧାରଣ କାର୍ଯ୍ୟ କରିପାରି ଥାଆନ୍ତା । ସାଂସାରିକ ଶିକ୍ଷା ପ୍ରାୟ ଅନାବଶ୍ୟକ ମନେକରି ତାକୁ ଏପରି ଭାବେ ଛାଡ଼ି ଦିଆ ହୁଏ ଯେ ପରିଣାମରେ ବରାବର ନାନା ଦୁଃଖ ରୋଗ ଭୋଗିବାକୁ ହୁଏ, ଶେଷରେ ଡାକ୍ତର ହାତରେ ନିଜକୁ ସମର୍ପଣ କରିଦେବାକୁ ହୁଏ, ଏପରି କି ପେଟରେ ଟିକିଏ ଦରଜ ହେଲେ ତାହା ଜାଣି ଦୂର କରିବାର କୌଣସି ଉପାୟ ନାହିଁ । ଫେରେ ଉଦର ପୋଷଣ ସକାଶେ ଯେଉଁ ଜୀବିକା କରାହୁଏ, ସେଥିରେ କି ଶାନ୍ତି ଅଛି ? ନା ପରସ୍ପର ମୈତ୍ରୀ ଅଛି ? ଦେଶର ସଙ୍ଗେ, ବିଦେଶର ସଙ୍ଗେ ବ୍ୟବହାର କରି, କ'ଣ ସୁଖଶାନ୍ତି ପାଉ, ନା ଆନନ୍ଦ ଅନୁଭବ କରୁ, ନା ଯେଉଁ ଭାଇଚାରା ଆଦର୍ଶ କଥା କହୁ, ତାହା କି କାର୍ଯ୍ୟରେ ଆସେ ? ଆସେ ନାହିଁ । ନାହିଁ କି ? ତାହାର କାରଣ ହେଲା ସବୁ ପ୍ରକାର ସ୍ୱାର୍ଥପରତା, ଅହଂକାର ଇତ୍ୟାଦି ମନରେ ଭର୍ତ୍ତି ହୋଇଅଛି, ଏସବୁ ଯୋଗ ଦ୍ୱାରା ଶୁଦ୍ଧ ନ ହେଲେ ତାହା ସବୁ ସେହିପରି ରହିବ ।

ଆଉ ଗୋଟିଏ ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ । ଶରୀର, ପ୍ରାଣ, ମନ ଇତ୍ୟାଦିର ବିକାଶ ହେଲା ଅନିବାର୍ଯ୍ୟ । ଏହା ଛଡ଼ା ମନୁଷ୍ୟ ଜୀବନ ଅପୂର୍ଣ୍ଣ ରହେ ଏବଂ ମନୁଷ୍ୟ ମଧ୍ୟରେ ପଶୁତ୍ୱ ଦେଖାଯାଏ । ଏଥିରେ ପୂର୍ଣ୍ଣତାକୁ ପ୍ରାପ୍ତ ହେବା ପ୍ରାୟ ନିର୍ଭର କରେ ଶିକ୍ଷା, ବାତାବରଣ ଏବଂ ଗ୍ରହଣଶୀଳତା ଉପରେ । କିନ୍ତୁ ଏହାର ବେଶୀ ପ୍ରଭାବ ପଡ଼େ ବାଲ୍ୟାବସ୍ଥାରେ । ସେସମୟରେ ବହୁତ କିଛି ପରିବର୍ତ୍ତନ ହେବାର ସମ୍ଭାବନା ଥାଏ; ଯେପରିକି କଞ୍ଚା ମାଟିର ଅବସ୍ଥାରେ ନାନାବିଧ ପାତ୍ର ଗଢ଼ା ଯାଇପାରେ । ପିଲାଙ୍କୁ ସେହିପରି ବ୍ୟକ୍ତି ଶିକ୍ଷା ଦେଇ ପାରନ୍ତି, ଯେକି ଯୋଗୀ, ଆଉ ଭଲ ବାତାବରଣ ସୃଷ୍ଟି କରି ପାରନ୍ତି । ସେନେଇ ପୁରାତନ କାଳରେ ମୁନି ଋଷିଙ୍କ ଆଶ୍ରମରୁ ରାଜକୁମାର ଏବଂ ଅନ୍ୟାନ୍ୟ ବାଳକମାନେ ଶିକ୍ଷା ପ୍ରାପ୍ତ କରି ସୁଚାରୁ ରୂପେ ନାନା ପ୍ରକାର କାର୍ଯ୍ୟ କରୁଥିଲେ; ଶାସନ କାର୍ଯ୍ୟରେ, ଶିକ୍ଷା ବିଭାଗରେ, ଯୁଦ୍ଧରେ ଏବଂ ଅନ୍ୟାନ୍ୟ ବିବିଧ ବିଭାଗରେ । ସେମାନଙ୍କର ସାଂସାରିକ ବିଦ୍ୟା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ବିଦ୍ୟାର ଶିକ୍ଷା ଥିଲା । କିନ୍ତୁ ଆଜି କାଲି ଆମ୍ଭେମାନେ ଏପରି ଦେଖୁ ନାହୁଁ, ଏହାର କାରଣ ହେଲା ଏହିଯେ ସେମାନେ ଆଧ୍ୟାତ୍ମିକ ପ୍ରକାଶ ସହ ସଂସାରର ପ୍ରତ୍ୟେକ ଛୋଟ ବଡ଼ କାର୍ଯ୍ୟ କରୁଥିଲେ, ସେନେଇ ସେମାନଙ୍କ ଜୀବନରେ ଏକ ସଙ୍ଗେ ବହୁମୁଖୀ କର୍ମସ୍ରୋତ ପ୍ରବାହିତ ହେବା ସତ୍ତ୍ୱେଓ ଅନ୍ତରରେ ସ୍ଥିରତା ରହୁଥିଲା । ପରବର୍ତ୍ତୀ ଯୁଗରେ ଆଧ୍ୟାତ୍ମିକ ଓ ବ୍ୟବହାରିକ କାର୍ଯ୍ୟକୁ ଏକେବାରେ ପୃଥକ୍ କରି ଦିଆହେଲା । ଯାହା ଫଳରେ କିଛି ଲୋକ କେବଳ ଆଧ୍ୟାତ୍ମିକତାକୁ ମୁକ୍ତି ମାନି ସଂସାରରୁ ଉଦାସୀନ ହୋଇଗଲେ, ବାକି ସବୁ ସଂସାରକୁ ସର୍ବସ୍ୱ ମାନି ମନେ କଲେ ଯେ ଆଧ୍ୟାତ୍ମିକତା କେବଳ ଗୃହତ୍ୟାଗୀ ବୀତରାଗ ସନ୍ନ୍ୟାସୀମାନଙ୍କ ସକାଶ । ଏହାର ଫଳ ସ୍ୱରୂପ, ଅଧ୍ୟାତ୍ମବାଦୀମାନେ ବାହାରର ଯାବତୀୟ ବ୍ୟବହାରକୁ ଛାଡ଼ି ଦେବାରୁ ତାଙ୍କର ବାହ୍ୟସତ୍ତା ଯେପରିକି ସେହିପରି ଅଶୁଦ୍ଧ ରହିଗଲା, ମାତ୍ର ଆତ୍ମା ଯେକି ସଦାମୁକ୍ତ ସେ ମୁକ୍ତ ହୋଇଗଲା । ସେ ସକାଶେ ଏମାନେ ପୂର୍ଣ୍ଣତାକୁ ପ୍ରାପ୍ତ କରି ପାରିଲେ ନାହିଁ । ଏମାନେ ସ୍ୱୟଂ ବାହ୍ୟ ସତ୍ତାକୁ ଅଶୁଦ୍ଧ ଅବସ୍ଥାରେ ଛାଡ଼ି ଦେବାରୁ ଏମାନଙ୍କ ଦ୍ୱାରା ମନୁଷ୍ୟ ଜାତିକୁ ସେପରି କିଛି ଲାଭ ହେଲା ନାହିଁ, ଯେପରିକି ସଂସାରକୁ ଆବଶ୍ୟକ ଥିଲା । ଲୋକେ ଆଧ୍ୟାତ୍ମିକତାକୁ ଏପରି ଭାବେ ଭୁଲିଗଲେ ଯେ ତାଙ୍କ ପାଖରେ ଯେପରି ଏହା ଗୋଟାଏ ଅନାବଶ୍ୟକ, ନିରର୍ଥକ ବସ୍ତୁ ହୋଇ ପଡ଼ିଲା । ଏହାର ପରିଣାମ କ'ଣ ହେଲା ଏହା ଆଜି ପ୍ରତ୍ୟେକଙ୍କ ସମ୍ମୁଖରେ । ଯେପରିକି ଜଣେ ଖୁବ୍ ବିଦ୍ୱାନ, ଏକ ଦିଗରେ ଖୁବ୍ ବିକାଶ, କିନ୍ତୁ ଜୀବନର ଅନ୍ୟ ଦିଗରେ ଦେଖିଲେ ବୁଝାଯାଏ ଯେ ଜୀବନରେ ଯାହା ଅଧିକ ଭାଗ ସତ୍ୟ ଏବଂ ଯେଉଁ ସୂକ୍ଷ୍ମ ଶକ୍ତିମାନେ ଅଛନ୍ତି, ଏସବୁ ସମ୍ବନ୍ଧରେ ଏକେବାରେ ବିଦେଶୀ, ପୁଣି ବି ସାଂସାରିକ ଛୋଟ ଛୋଟ ବ୍ୟବହାର ବିଷୟରେ – କୁଟୁମ୍ବ, ଗ୍ରାମବାସୀ ଓ ଅନ୍ୟାନ୍ୟଙ୍କ ସଙ୍ଗେ ବ୍ୟବହାର ଜ୍ଞାନ ନାହିଁ । ଏହିପରି ଅଧିକାଂଶ କ୍ଷେତ୍ରରେ ଘଟେ । ଜୀବନ ନିର୍ବାହ ଦିଗରେ ମଧ୍ୟ ସେହିପରି, ଏକ ଅନ୍ୟର ସଙ୍ଗେ ମୈତ୍ରୀ ରଖି ପାରୁ ନାହିଁ, ଅନ୍ୟର ସର୍ବନାଶ କରି ନିଜର ସୁବିଧା, ଭୋଗ ବିଳାସ ପ୍ରତି ସର୍ବଦା ଇଚ୍ଛା କରୁଛି । ଆଉ ଜଣେ ନିଜର ପ୍ରଭୁତ୍ୱ ସକାଶେ ଅନ୍ୟ ପ୍ରତି ଯେତେଦୂର ଦୁର୍ବ୍ୟବହାର କରାଯାଇ ପାରେ ତାହା କରିବାକୁ ଟିକିଏ ବି ପଛଘୁଞ୍ଚା ଦିଏ ନାହିଁ । ଏସବୁ ତ୍ରୁଟିର ଏକମାତ୍ର କାରଣ ହେଲା ଜୀବନରୁ ଯୋଗକୁ ବାଦ୍ ଦେବାରୁ । ଏହିସବୁ ବେଶୀ ପରିମାଣରେ ନିର୍ଭର କରେ ଶିକ୍ଷା ଉପରେ । ପ୍ରଥମରେ ବାଳକ ଶିକ୍ଷା ପାଏ ପିତାମାତା ଏବଂ ଅଧ୍ୟାପକଙ୍କଠାରୁ; ସେମାନେ ଯଦି ସ୍ୱୟଂ ମିଥ୍ୟା କହି ବାଳକକୁ ସତ୍ୟ କହିବାକୁ ଶିକ୍ଷା ଦିଅନ୍ତି, ନିଜେ ସ୍ୱାର୍ଥ ସକାଶେ ସମସ୍ତ କର୍ମ କରି ପିଲାଙ୍କୁ ସ୍ୱାର୍ଥତ୍ୟାଗର ଉପଦେଶ ଦିଅନ୍ତି, ସ୍ୱୟଂ ହିଂସା କରି ସମତାର ଉପଦେଶ ଦିଅନ୍ତି, ତେବେ ତାହାର ପରିଣାମ ତାହାହିଁ ହୁଏ, ଯାହାକି ଆଜି ଆମ୍ଭେମାନେ ଦେଖୁଅଛୁ ।

ଆଜି ଆମ୍ଭ ଦେଶରେ କିଛି ଭାଇ ଗୋଟିଏ ସମତାର ଆଦର୍ଶ ସ୍ଥାପନ କରିବାକୁ ବହୁତ ବ୍ୟଗ୍ର । ସେମାନେ ଚାହୁଁଛନ୍ତି ସମସ୍ତଙ୍କୁ ଭୋଜନ, ବସ୍ତ୍ର ଆଉ ରହିବାକୁ ମିଳିଲେ, ବାସ୍, ସମତା ହେଲା । ଏହା ଅବଶ୍ୟ ଗୋଟିଏ ଉଚ୍ଚ ଭାବ ବୋଲି ଉପରୁ ଦିଶୁଛି । ପ୍ରକୃତରେ କ'ଣ ଏହା ଠିକ୍, ଗୋଟିଏ ଗଛରେ ବହୁତ ଫଳ ଫଳୁଛି, ତା' ମଧ୍ୟରେ ତ' ବଡ଼, ଛୋଟ, ଭଲ, ମନ୍ଦ ରହୁଛି । ଖେତରେ ମଧ୍ୟ ଏକ ପ୍ରକାର ବିହନ ବୁଣା ହୁଏ, ପାଣି ଇତ୍ୟାଦି ସମାନ ଭାବେ ଦିଆହୁଏ, ସେଥିରେ କି ସବୁ ଗଛ ସମାନ ହୁଏ ? କୌଣସି ବସ୍ତୁ ବାହାରେ ସମାନ ହେବା ସମ୍ଭବ ନୁହେଁ । ଯଦି ସମସ୍ତଙ୍କୁ ସମାନ

ଭାବରେ ଭୋଜନ, ବସ୍ତ୍ର ଇତ୍ୟାଦିର ବ୍ୟବସ୍ଥା କରି ଦିଆହୁଏ, ତେବେ କ'ଣ ଗୋଟାଏ ସମତା ଆସିବ ? ପ୍ରତ୍ୟେକ ବ୍ୟକ୍ତିର ତ' ଭୋଜନ ବେଶୀ, କମି, ଯଦି ସମାନ କରି ଦିଆହୁଏ, ଯାହାର କମ୍ ହେବ ସେ ଅଶାନ୍ତ ହେବ, ଫେରେ କମ୍ ଖାଇବା ଲୋକ ବେଶୀ ଖାଇବା ଲୋକଙ୍କ ପ୍ରତି ଈର୍ଷା କରିବ । ଫେରେ ଏହି ବିଷମତାର ସମାଧାନ ଯଦି କୌଣସି ପ୍ରକାର ହୋଇଯାଏ, ତେବେ ଭିତରେ ଥିବା ରିପୁମାନେ ଅନ୍ୟ କୌଣସି ମାର୍ଗକୁ ଅବଲମ୍ବନ କରି ନାନାପ୍ରକାର ଗୋଳମାଳ ସୃଷ୍ଟି କରିବେ । କିନ୍ତୁ ଏହାର ସମାଧାନ ଅଛି ଭିତରେ । ବାହାର ଉପଚାରରେ ସ୍ଥାୟୀ ଫଳ ହେବ ନାହିଁ । କ'ଣ ମଥାରେ ଥିବା ଘା ଉପରେ ସିମେଣ୍ଟ ଲଗାଇ ଦେଲେ ଘା' ଶୁଖିଯିବ କି ? ଘା' ତେବେ ଶୁଖିବ ଯେବେ ଔଷଧ ଦ୍ୱାରା ଭିତରର ଆରୋଗ୍ୟ ହେବ । ସେହିପରି ଯେପର୍ଯ୍ୟନ୍ତ ଭିତରେ ହିଂସା, ଦ୍ୱେଷ, ଅହଂକାର, ସ୍ୱାର୍ଥପରତା, ପ୍ରଭୁତ୍ୱ ପ୍ରଭୃତି ନାନାପ୍ରକାର ପ୍ରେରଣା ଦେଉ ଅଛନ୍ତି ସେପର୍ଯ୍ୟନ୍ତ ଉପରର କୌଣସି ସମାଧାନରେ ଏମାନେ ଚୁପ୍ ହୋଇଯିବେ ନାହିଁ । ଏକ ରାସ୍ତା ବନ୍ଦ ହେଲେ ଅନ୍ୟ ରାସ୍ତାରେ ବାହାରି ଆସିବେ । ସମତା ସ୍ଥାପନ କରିବାକୁ ହେଲେ ପ୍ରଥମରେ ଯୋଗ ସାଧନା ଦ୍ୱାରା ଏମାନଙ୍କୁ ରୂପାନ୍ତର କରିବାକୁ ହେବ ଏବଂ ନିଜର ସତ୍ୟ ସତ୍ତାକୁ ପାଇ ସେଥିରେ ବାସ କରିବାକୁ ହେବ । ଯେବେ ନିଜକୁ ସବୁରି ଭିତରେ ଦେଖିବ ତେବେ ଅନ୍ୟ ସଙ୍ଗେ ଅସାମଞ୍ଜସ୍ୟ ରହିବ କେଉଁଠି ? ହିଂସା, ଦ୍ୱେଷ କିଏ କାହା ସଙ୍ଗରେ କରିବ ? ଅନ୍ତରରେ ସାମ୍ୟଭାବ ହେଲେ ବାହାର ବିଷମତାରେ ବି ସମତା ହେବ । ଯେପରିକି ଶରୀରରେ ବିଭିନ୍ନ ଅଙ୍ଗ ଅଛନ୍ତି, ପ୍ରତ୍ୟେକ ନିଜ ନିଜ ଯୋଗ୍ୟତାନୁସାରେ ଛୋଟ ବଡ଼ ସବୁ କାର୍ଯ୍ୟ କରୁଛନ୍ତି, କେହି କାହା ପ୍ରତି ରାଗ, ଦ୍ୱେଷ, ଘୃଣା କରୁନାହାନ୍ତି । ଏପରିକି ବହୁତ ସମୟରେ ଦାନ୍ତ ଜିଭକୁ କାମୁଡ଼ି ଦିଏ, ଜିଭ କେବେ ବି ତାହା ପ୍ରତି ରାଗ କରେ ନାହିଁ । ହାତ ସମସ୍ତ କାର୍ଯ୍ୟ କରେ, ମଇଳା ଧୁଏ, ତଥାପି ମନେ କରେ ନାହିଁ ଯେ ଏମାନେ ''ସବୁ ପେଟୁ'', ବସି ଖାଇବେ, ମୁଁ କାମ କରିବି, ଖାଇବାକୁ ଦେବି । ଏହାର ଏକମାତ୍ର କାରଣ ହେଲା, ଏମାନଙ୍କର ଏକତ୍ୱ ବୋଧ ମଜ୍ଜାଗତ ହୋଇଅଛି । ନିଜ ହାତ ନଖ ବାଜି ରକ୍ତ ବୋହିଲେ ରାଗ ହୁଏ ନାହିଁ, କିନ୍ତୁ ଅନ୍ୟ ଲୋକର ଗୋଡ଼ ଟିକିଏ ବାଜିଲେ ରାଗ ହୁଏ କାହିଁକି ? ତାହାକୁ ଆମ୍ଭେମାନେ ଆମ୍ଭଠାରୁ ପୃଥକ୍ ମନେକରୁ ବୋଲି । ଭିତରୁ ପୃଥକ୍ ବୋଧ ନ ଗଲେ ବାହାର ଉପାୟରେ କୌଣସିମତେ ସମତା ସ୍ଥାପିତ ହୋଇ ପାରିବ ନାହିଁ ।

ପ୍ରତ୍ୟେକ ଛୋଟ ଛୋଟ ବ୍ୟବହାରିକ କାର୍ଯ୍ୟରୁ ନେଇ ବଡ଼ ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ କିପରି ସାମ୍ୟ ସ୍ଥାପନ କରିବାକୁ ହୁଏ, ଏହାର ଆଦର୍ଶ ଦେଖିବାକୁ ହେଲେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଦେଖା ଯାଇପାରେ । ଆଶ୍ରମରେ ସାଧକମାନେ ପ୍ରତ୍ୟେକ ଛୋଟ ବଡ଼ କାର୍ଯ୍ୟ କରନ୍ତି, ଆବଶ୍ୟକ ଅନୁସାରେ ଭିନ୍ନ ଭିନ୍ନ ସ୍ଥାନରେ ରୁହନ୍ତି, ଦରକାର ଅନୁଯାୟୀ ବି ଭିନ୍ନ ଭିନ୍ନ ବସ୍ତୁ ବ୍ୟବହାର କରନ୍ତି, କିନ୍ତୁ ବାହ୍ୟ ଦୃଷ୍ଟିରେ ବିଷମତା ଦେଖା ଯାଉଥିଲେ ସୁଦ୍ଧା ସେମାନଙ୍କର ପରସ୍ପର ସାମଞ୍ଜସ୍ୟ ଥାଏ । ଏହାର କାରଣ ହେଲା ଏହି ଯେ ଶ୍ରୀଅରବିନ୍ଦ ଏବଂ ମା' ସେମାନଙ୍କୁ ଯେଉଁ ଆଦର୍ଶ ଦେଇଛନ୍ତି, ତାହା ବହୁତ ବିଶାଳ, ତାହା ପାଖରେ ଏସବୁ ମୂଲ୍ୟହୀନ । ପ୍ରଧାନ ଲକ୍ଷ୍ୟକୁ ମାନି ନେବା ପରେ ମନୁଷ୍ୟ ଯେଉଁ ଛୋଟ ଛୋଟ ବସ୍ତୁ ସକାଶେ ମାରକାଟ କରୁ ଅଛନ୍ତି, ସେସବୁ ଏପରି ନିରର୍ଥକ ହୋଇ ଯାଆନ୍ତି ଯେ ଫେରେ ସାଧକକୁ ଆକ୍ରମଣ କରି ସେଥିରେ ବାନ୍ଧି ରଖି ପାରନ୍ତି ନାହିଁ । ସଂସାରର ଅବସ୍ଥାକୁ ଶୀଘ୍ର ସୁଧାର କରିବାକୁ ହେଲେ ମନୁଷ୍ୟକୁ ଖାଇବା, ପିନ୍ଧିବା ଲକ୍ଷ୍ୟକୁ ଛାଡ଼ି ଅନ୍ୟ ଗୋଟିଏ ବଡ଼ ଲକ୍ଷ୍ୟ ଗ୍ରହଣ କରିବା ଉଚିତ । ଯେତେବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୁଏ, ସେତେବେଳେ ସମସ୍ତଙ୍କର ଲକ୍ଷ୍ୟ ଥାଏ ଆମ୍ଭେ ଅନ୍ୟକୁ କିପରି ଜିତିବୁ, ଫେରେ ସେତେବେଳେ କେବେ ବି ମନେ ହୁଏ ନାହିଁ ଯେ ''ଆମ୍ଭ ପ୍ରାନ୍ତକୁ ଏହା ଦରକାର'', ''ଆମ ଜିଲ୍ଲାରେ ଏହା କମି ଅଛି ।''

ସଂସାରକୁ ଯେତେବେଳେ ଯେଉଁ ଆଦର୍ଶର ଆବଶ୍ୟକ ହୁଏ, ସେତେବେଳେ ତାହାହିଁ ସ୍ଥାପନ କରିବାକୁ ସ୍ୱୟଂ ଭଗବାନ୍ ଅଥବା ତାଙ୍କ ବିଭୂତି ପୃଥିବୀ ପରେ ଆସି ମନୁଷ୍ୟ ଶରୀର ଧାରଣ କରି ମନୁଷ୍ୟ ଜାତିର ସମ୍ମୁଖରେ ତାହାହିଁ ରଖନ୍ତି, ଯାହାକୁ ସେ ଆଦର୍ଶ ମାନି ଲକ୍ଷ୍ୟରେ ପହଞ୍ଚି ଯାଏ । ପୂର୍ବେ ଅବତାର ଓ ମହାପୁରୁଷମାନେ ଆସି ସମୟ ଓ ମନୁଷ୍ୟ ଚେତନାରେ ବିକାଶ ଅନୁସାର ସେମାନଙ୍କୁ ଗୋଟିଏ ଅବସ୍ଥାରୁ ଅନ୍ୟ ଗୋଟିଏ ଅବସ୍ଥାରେ ପହଞ୍ଚାଇ ଦେଇ ଅଛନ୍ତି । ସେ ସକାଶ ଯୁଗ ପରିବର୍ତ୍ତନସମୟରେ ପୁରୁଣା ଆଦର୍ଶକୁ ଜାବୁଡ଼ି ଧରି ରହିଲେ ଚଳିବ ନାହିଁ, ବରଂ ପ୍ରକୃତି

ତାହା ଜବରଦସ୍ତି କରାଇ ନେଇଯିବ । ସବୁଠାରୁ ଭଲ ଏହି ଯେ ପ୍ରକୃତି ଯେଉଁ ବିକାଶ କରୁଅଛି, ଆମ୍ଭେମାନେ ସେଥିରେ ଯୋଗଦେଲେ, ଆମ୍ଭର ପରିବର୍ତ୍ତନର ଦୁଃଖ ଯନ୍ତ୍ରଣାମୟ ଲମ୍ବା ସମୟ କମ୍ ହୋଇଯିବ । ଏହି ସମୟକୁ କମ୍ ଆଉ କଠିନ କାର୍ଯ୍ୟକୁ ସରଳ କରିବାକୁ ମହାପୁରୁଷମାନେ ପୃଥିବୀକୁ ଆସନ୍ତି ।

ବର୍ତ୍ତମାନ ଜାତି ଯେଉଁ ଅବସ୍ଥାରେ ପହୁଞ୍ଚି ଅଛି, ସେଥିରେ ପୁରାତନ କୌଣସି ଆଦର୍ଶ ସମସ୍ୟାର ସମାଧାନ କରି ପାରିବ ନାହିଁ । ସେନେଇ ଶ୍ରୀଅରବିନ୍ଦ ଠିକ୍ ସେହି ସମୟରେ ଆସିଲେ ଯେଉଁ ସମୟରେ ତାଙ୍କରି ଆଦର୍ଶର ଆବଶ୍ୟକ ଥିଲା । ବର୍ତ୍ତମାନ ସଂସାରକୁ ଉନ୍ନତି, ବିଶାଳ, ବଳଶାଳୀ କରିବାକୁ ହେବ, କିନ୍ତୁ ତାହାର ମୂଳଭିତ୍ତି ହେବ ଯୋଗ । ଏକମାତ୍ର ଯୋଗହିଁ ସଂସାରର ଉନ୍ନତିକୁ ନିୟନ୍ତ୍ରଣ କରିବାକୁ, ଠିକ୍ ପଥରେ ଚାଳନ କରିବାକୁ ସମର୍ଥ ହେବ । ଯୋଗ ବିନା ସଂସାର ଉଦ୍ଦଣ୍ଡ, ବଳଶାଳୀ, ଅମାନିଆ ଘୋଡ଼ାପରି ସ୍ୱେଚ୍ଛାଚାରୀ ହୋଇଯିବ ।

ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଲା ସଂସାରରୁ ଅଲଗା ହୋଇ ମୁକ୍ତି ପାଇବା ନୁହେଁ, କିନ୍ତୁ ଯୋଗ ଦ୍ୱାରା ସଂସାରକୁ ଉନ୍ନତ କରିବା, ଆଉ ପୂର୍ବେ ସଂସାର-ତ୍ୟାଗୀ ଯୋଗୀମାନେ ଯେଉଁ ଅବସ୍ଥାକୁ ପ୍ରାପ୍ତ କରୁଥିଲେ ସେହି ଅବସ୍ଥାକୁ ଏହି ସଂସାରରେ ରହି ପ୍ରାପ୍ତ କରି, ଏହି ଦୁଃଖମୟ ସଂସାରକୁ ସ୍ୱର୍ଗରେ ପରିଣତ କରିବା । ସେ କହନ୍ତି ଜୀବନ ମାତ୍ରହିଁ ଯୋଗ, ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଅଜଣା ଭାବେ ପ୍ରକୃତିର ପ୍ରେରଣାରେ ଯୋଗ କରୁଅଛନ୍ତି । କିପରି ? ଯେପରି ଅନ୍ଧବ୍ୟକ୍ତି କୌଣସି ଅଜ୍ଞାତ ବସ୍ତୁକୁ କାଶୀରେ ହଜେଇ ଅଯୋଧାର ସଡ଼କରେ ହାତ ଉଣ୍ଡାଳି ଖୋଜେ ।

ମନୁଷ୍ୟ ଚାହେଁ ଅମରତ୍ୱ, ମରିବାକୁ କେବେ ବି ଚାହେଁ ନାହିଁ, ଏହାହିଁ ତାହାର ଅନ୍ତରାତ୍ମାର ଉଦ୍ଦେଶ୍ୟ । କିନ୍ତୁ ଏହା ଜାଣି ବି, ଏହାକୁ ଲକ୍ଷ୍ୟମାନି ବି, ସେ ଉପାୟ କରି ଶିଖି ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ହେଉଛି, ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରି ଅମରତ୍ୱ ପ୍ରାପ୍ତ କରିବା ।

ମନୁଷ୍ୟ ରୋଗୀ ଆଉ ବୁଢ଼ା ହେବାକୁ ଚାହେଁ ନାହିଁ, ଶ୍ରୀଅରବିନ୍ଦଙ୍କ ଯୋଗରେ ରୋଗ ଆଉ ବାର୍ଦ୍ଧକ୍ୟ ଉପରେ ବିଜୟ ।

ମନୁଷ୍ୟ ଚାହେଁ ଆନନ୍ଦ, କିନ୍ତୁ ଖୋଜେ ବିଷୟରେ । ଶ୍ରୀଅରବିନ୍ଦ ଯୋଗରେ ଯେ ସତ୍-ସ୍ୱରୂପ ପରମାତ୍ମା, ସତ୍, ଚିତ୍, ଆନନ୍ଦ ସ୍ୱରୂପ ତାଙ୍କୁ ପ୍ରାପ୍ତ କରିବା, ତାଙ୍କ ସଙ୍ଗେ ଏକତ୍ୱ ହେବା, ପରମ ଆନନ୍ଦରେ ବାସ କରିବା ।

ମନୁଷ୍ୟ ଚାହେଁ ପ୍ରଭୁତ୍ୱ, ଚାହେଁ ମୁକ୍ତି, ସ୍ୱାତନ୍ତ୍ର୍ୟ କିନ୍ତୁ ଏସବୁର ଯଥାର୍ଥ ସ୍ୱରୂପ ନ ଜାଣି ପ୍ରକୃତିର ଗୋଲାମ ହୋଇ କାଠ ପିତୁଳି ପରି ନାଚୁଥାଏ, କାମ, କ୍ରୋଧ, ମୋହ, ମତ୍ସର ଇତ୍ୟାଦିରେ, ଆଉ ମନେକରେ ମୁଁ ବଡ଼ଲୋକ, ବହୁଲୋକଙ୍କ ଉପରେ ମୋର ପ୍ରଭୁତ୍ୱ ।

ଶ୍ରୀଅରବିନ୍ଦ ଯୋଗରେ ଯେଉଁ ଶକ୍ତିମାନେ ନିର୍ଜୀବ ମେସିନ୍ ପରି ଇଚ୍ଛା ମୁତାବକ ମନୁଷ୍ୟକୁ ଚଳାଉ ଅଛନ୍ତି, ସେମାନଙ୍କର ଯେ ମୂଳ ପ୍ରେରକ ତାଙ୍କ ସହିତ ଏକ ହୋଇ, ଏହି ପ୍ରକୃତିରୁ ମୁକ୍ତ ହୋଇ, ଏମାନଙ୍କୁ ସଂଚାଳନା କରିବା । ମନୁଷ୍ୟର ଇଚ୍ଛା ନୁହେଁ ଯେ ସେ ସଂସାର ଛାଡ଼ି ଚାଲିଯିବ, କିନ୍ତୁ କିପରି ଏଠାରେ ରହିବ ତାହାର ଉପାୟ ଜାଣି ନ ଥିବାରୁ, ତାକୁ ବାଧହୋଇ ଯିବାକୁ ହୁଏ । ଶ୍ରୀଅରବିନ୍ଦ କହୁଅଛନ୍ତି ଏହି ସଂସାରକୁ ସ୍ୱର୍ଗରେ ପରିଣତ କରି ନେବାକୁ ହେବ, ସୁଖରେ ରହିବାକୁ ସ୍ୱର୍ଗ ଯିବାକୁ ଉତ୍ସାହ ହେବ ନାହିଁ । ଅଳ୍ପ ଶବ୍ଦରେ କହିବାକୁ ହେଲେ ଦିବ୍ୟ-ଜୀବନ; ଶରୀର-ମନ-ପ୍ରାଣର ପୂର୍ଣ୍ଣ ଦିବ୍ୟ ରୂପାନ୍ତର ।

ବହୁତ କାଳରୁ ମନୁଷ୍ୟ ଅଜ୍ଞାତ ଭାବରେ ସେଇ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଉଅଛି, ଭୁଲ ପଥରେ ଚାଲୁଅଛି, ଆଉ ତା'ର ଅନ୍ତର ଆତ୍ମାର ଯଥାର୍ଥ ଲକ୍ଷ୍ୟକୁ ବିକୃତ ଭାବେ ଉପଯୋଗ କରୁଅଛି । ଆଜି ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ ଆତ୍ମାର ଲକ୍ଷ୍ୟ ପୂରା କରିବାକୁ, ମନୁଷ୍ୟକୁ ପୂର୍ଣ୍ଣତା ଆଣିଦେବାକୁ, ମନୁଷ୍ୟଜାତିର ସମ୍ମୁଖରେ ଏହି ଆଦର୍ଶ ରଖି ଅଛନ୍ତି ଏବଂ ଏହି ଦିବ୍ୟ-ଜୀବନକୁ ମୂର୍ତ୍ତିମାନ ରୂପ ଦେବା ନିମିତ୍ତ ପଣ୍ଡିଚେରୀରେ ଆଶ୍ରମ ସ୍ଥାପନ କରି ଅଛନ୍ତି । ଆଶ୍ରମର ଅଧିଷ୍ଠାତ୍ରୀ ଆଉ ଶ୍ରୀଅରବିନ୍ଦ ଯୋଗ ଓ ଆଦର୍ଶର ସ୍ଥୂଳ ରୂପ ଦେବାର ସଂଞ୍ଚାଳିକା ହେଉଛନ୍ତି ମା' । ତାଙ୍କର ସ୍ଥୂଳ ଏବଂ ସୂକ୍ଷ୍ମ ନିର୍ଦ୍ଦେଶରେ ଏ ଯୋଗର ସାଧକମାନେ ସାଧନା କରୁ ଅଛନ୍ତି ।

ବିଦ୍ୟା ଶିକ୍ଷା ଓ କର୍ମର ଭିତ୍ତି ଯୋଗ, ଆଉ ଏହି ଶିକ୍ଷା ଓ କର୍ମ ଦ୍ୱାରା, ମନ, ପ୍ରାଣ, ଶରୀର ଆଉ ନାନା ପ୍ରକାର ସୂକ୍ଷ୍ମଶକ୍ତି ସବୁ କିପରି ଜାଗ୍ରତ୍ ଓ ବିକଶିତ ହେବେ, ଏହାକୁ ମୂର୍ତ୍ତିମାନ୍ କରିବାକୁ ଶ୍ରୀମା ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱ ବିଦ୍ୟାଳୟ ସ୍ଥାପନା କରି ସ୍ୱୟଂ ସମସ୍ତ ଭାର ଗ୍ରହଣ କରି ଅଛନ୍ତି ।